ରଣପୁର ଘଟଣା ବିଷୟରେ ଶ୍ରୀଯୁକ୍ତ ମହତାବଙ୍କ ବିବରଣୀ

ସେ ନିଜ ଆଖିରେ ସେ ଅବସ୍ଥା ଦେଖି ଆସିଲେ

କଟକ, ତା ୬।୧।୩୯

ନିଖିଳ ଭାରତ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭ୍ୟ ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ ରଣପୁର ଅବସ୍ଥା ବିଷୟରେ ସେ ରଣପୁର ଯାଇ ଯାହା ଦେଖି ଆସିଛନ୍ତି ଓ ଶୁଣି ଆସିଛନ୍ତି ତାହା ନିଜ ସ୍ୱାକ୍ଷରରେ ନିମ୍ନଲିଖିତ ପ୍ରକାରେ ଲେଖିଅଛନ୍ତି—

"୧୯୩୯ ସାଲ ଗତ ଜାନୁୟାରୀ ୪ତାରିଖ ଦିନ ରଣପୁର ପ୍ରଜାମଣ୍ଡଳର ସଭାପତି ଶ୍ରୀ ବନମାଳୀ ସ୍ୱାମୀ ରଣପୁର ଅବସ୍ଥା ବିଷୟରେ ପରାମର୍ଶ କରିବାପାଇଁ ମୋ ପାଖେ ଆସି ପହଞ୍ଚିଲେ । ସେ ମୋତେ ଖବର ଦେଲେ ଯେ ପ୍ରଜାମଣ୍ଡଳକୁ ବେଆଇନ ଘୋଷଣା କରାହୋଇଛି । କେତେକ ଜାଗାରେ ଘର ଖାନତଲାସ ହୋଇଛି ଓ କେତେକ ଲୋକଙ୍କୁ ଗିରଫ କରାହୋଇଛି । ପ୍ରଜାମଣ୍ଡଳର ଟ୍ରେଜରର ବଂଶୀ ବାବୁ ସେଦିନ ରାତି ୧ଟା ବେଳେ ମୋ ସଙ୍ଗେ ଦେଖା କରିବାକୁ ଆସି ପହଞ୍ଚିଲେ । ତାଙ୍କ କଥାରୁ ମଧ୍ୟ ବନମାଳୀଙ୍କ ଖବର ଠିକ୍ ବୋଲି ଜଣାପଡ଼ିଲା । ମୁଁ ଶୁଣିଲି ଯେ ଡିସେମ୍ବର ତା ୨୯ ରିଖ ଦିନ ନୂଆଖିଆଠାରେ ଏକ ସଭା ହୋଇଥିଲା । ସେଠାରେ କେତେକ ରାଜଦ୍ରୋହ ସୂଚକ ବକ୍ତୃତା କେହି କେହି କରିଥିଲେ । ମୁଁ ପୁଣି ଖବର ପାଇଲି ଯେ କେତେକ ଲୋକ ତା ୫ ରିଖ ଦିନ ରଣପୁର ଗଡ଼ରେ ଦରବାରଙ୍କ ଦମନ ନୀତି ବିରୁଦ୍ଧରେ ଗୋଟାଏ ପଟୁଆର କରିବେ ବୋଲି ଉଦ୍ୟମ କରୁଛନ୍ତି । ମୁଁ ସେମାନଙ୍କୁ ସତର୍କ କରାଇ କହିଲି ଏପରି ପଟୁଆର କଲେ ପରିଣାମରେ ଭୟଙ୍କର ହେବ । ସେତେବେଳେ ଲୋକଙ୍କୁ ଆୟତ୍ତ କରିବା କଷ୍ଟକର ହେବ । ବନମାଳୀ ବାରମ୍ବାର କହିଲେ ଯେ ଅବସ୍ଥା ସେ ସୁଧାରି ପାରିବେ ନାହିଁ । ସେ ମୋତେ ଯିବାପାଇଁ ବାରମ୍ବାର କହିଲେ । ମୁଁ ରାଜିହେଲି ଏବଂ ରଣପୁର ଯିବି । ନୟାଗଡ଼ରେ ପଲିଟିକାଲ ଏଜେଣ୍ଟ ଅଛନ୍ତି ବୋଲି ଶୁଣି ତାଙ୍କ ସଙ୍ଗରେ ଦେଖା କରିବି ବୋଲି ମନସ୍ଥ କଲି । ସେଠାରୁ ଯାଇ ରାଜାଙ୍କ ସଙ୍ଗେ ଦେଖା କରିବି ଏବଂ ଏହାର ସମାଧାନ ପାଇଁ ଚେଷ୍ଟା କରିବି ବୋଲି ଇଚ୍ଛା କରିଥିଲି । ପ୍ରଜାମଣ୍ଡଳର ନେତାମାନେ ମଧ୍ୟ ଏ ଗଣ୍ଡଗୋଳର ସମାଧାନର କାମନା କରୁଥିଲେ ।

"ମୁଁ ଜାନୁୟାରୀ ୫ ତାରିଖ ଉପର ବେଳା ୪।। ଟା ବେଳେ କଟକରୁ ମଟର ଯୋଗେ ବାହାରିଲି । ପ୍ରାୟ ସନ୍ଧ୍ୟା ୬ଟାରେ ଖୋରଧାଠାରେ ପହଞ୍ଚିଲି । ସେଠାରେ ଥାନାକୁ ଯାଇ ପଲିଟିକାଲ ଏଜେଣ୍ଟ କେଉଁଠାରେ ଅଛନ୍ତି ତାର ଖବର ନେଲି । କିନ୍ତୁ ସେଠାରେ ଥିବା ଏ, ଏସ, ଆଇ, କୌଣସି ଖବର ଦେଇପାରିଲେ ନାହିଁ । ତାପରେ ମୁଁ ପୋଷ୍ଟମାଷ୍ଟରଙ୍କ ସଙ୍ଗେ ଦେଖା କଲି । ସେ ମୋତେ ପଲିଟିକାଲ ଏଜେଣ୍ଟ ରଣପୁରରେ ଥିବା କଥା କହିଲେ । ତାପରେ ମୁଁ ରଣପୁର ଗଲି । ବୃନ୍ଦପୁରଠାରେ ରଣପୁର ରାସ୍ତା ଯେଉଁଠାରୁ ଆରମ୍ଭ ହୋଇଛି ସେଠାରୁ ପ୍ରାୟ ୧ ମାଇଲ କାଟ ମୋ ମଟର ଗଲାପରେ ସେଠାରେ ଏକ ମସ୍ତବଡ଼ ଗଛ କଟା ହୋଇ ସଡ଼କର ଏ ପଟରୁ ସେ ପଟଯାଏ ପଡ଼ିଥିବାର ଦେଖିଲି । ଯିବା ଆସିବା ବନ୍ଦ କରିବା ପାଇଁ ଏହା କରିଥିବାର ମୋତେ ଜଣାଗଲା । ମୋତେ ଫେରି ଆସିବାକୁ ହେଲା ଏବଂ ଫେରି ଆସିଲାବେଳେ ବୃନ୍ଦପୁରଠାରେ ରାଜାଙ୍କ କୋଠାକୁ ଗଲି । ସେଠାରେ ଦେଓ୍ୱାନଙ୍କର ଜଣେ ତଳିଆ କର୍ମଚାରୀଙ୍କୁ ଦେଖିଲି । ବୃନ୍ଦପୁର କୋଠିରୁ ରଣପୁର ରାଜାଙ୍କ ନଅରକୁ ଟେଲିଫୋନ ଅଛି । ମୁଁ କୋଠିର କର୍ମଚାରୀଙ୍କୁ କହିଲି ଯେ ତୁମେ ଫୋନରେ ରାଜାଙ୍କଠାରୁ ବୁଝ ମୁଁ ଯାଇ ତାଙ୍କ ସଙ୍ଗେ ଓ ପଲିଟିକାଲ ଏଜେଣ୍ଟଙ୍କ ସଙ୍ଗେ ଦେଖା କରିବି । ଉତ୍ତରରେ ଖବର ପାଇଲି ଯେ ପଲିଟିକାଲ ଏଜେଣ୍ଟ ଓ ନୟାଗଡ଼ର ଜଣେ ସୁବେଦାରକୁ ଲୋକେ ମାରି ପକାଇଛନ୍ତି ଏବଂ ରାଜା ନିଜେ ପ୍ରତି ମୁହୂର୍ତ୍ତରେ ଆକ୍ରମଣର ଆଶଙ୍କା କରୁଛନ୍ତି । ଟେଲିଫୋନରେ ସେ ମୋତେ ଅନୁରୋଧ କରି କହିଲେ ଯେ କୌଣସି ପ୍ରକାରେ କଷ୍ଟ କରି ସେ ୧୦ ମାଇଲ ରାସ୍ତା ପଦବ୍ରଜେ ହେଉ ମୁଁ ରଣପୁର ଗଡ଼କୁ ଯାଏ ଏବଂ ତାଙ୍କୁ ଲୋକଙ୍କ ଆକ୍ରମଣରୁ ରକ୍ଷା କରେ । ତାପରେ ମୁଁ ନିକଟସ୍ଥ କେତେଖଣ୍ଡ ଗାଁକୁ ଯାଇ କେତେ ଲୋକଙ୍କୁ ଡକାଡକି କରି ଆଣିଲି ଏବଂ କୌଣସି ପ୍ରକାରେ ବାଟରୁ ଗଛ ଉଠାଇଦେଇ ବାଟ ସଫା କଲି । ପ୍ରାୟ ରାତି ୧୦ଟାବେଳେ ମୁଁ ରଣପୁର ଗଡ଼ରେ ଯାଇ ପହଞ୍ଚିଲି । ସହର ପେଟ୍ରୋଲ କରୁଥିବା ସଶସ୍ତ୍ର ପୋଲିସ ମୋ ମଟରକୁ ଅଟକାଇଲେ । ମୁଁ ଓହ୍ଲାଇବା ପରେ ଦୀନବନ୍ଧୁ ନାମରେ ଜଣେ ପୁଲିସ ଅଫିସର ମୋତେ ଚାଲି ପଲିଟିକାଲ ଏଜେଣ୍ଟଙ୍କ ମୃତଦେହ ମୋତେ ଦେଖାଇ ଦେଲେ । ମୁଁ ମେଜର ବେଜାଲଗେଟଙ୍କ ମୁହଁକୁ ଚାହିଁ ସ୍ତମ୍ଭୀଭୂତ ଏବଂ ମ୍ରିୟମାଣ ହୋଇଗଲି । ଏହା ଅତି ଭୟଙ୍କର ହତ୍ୟାକାଣ୍ଡ ପରି ମନେହେଲା । ସଡ଼କ ଉପରେ ଅନ୍ୟ ଗୋଟାଏ ମୃତଦେହ ପଡ଼ିଥିବାର ଦେଖିଲି । ମେଜର ବେଜାଲଗେଟ ସେ ଲୋକମାନଙ୍କୁ ରିଭଲଭରରେ ମାରି ଦେଇଥିବା କଥା ଶୁଣିଲି । ଆଉ ଜଣେ ଆହତ ଲୋକ ସେ ସଡ଼କରେ ପଡ଼ି ଗାଁ ଗାଁ ହେଉଥିବାର ଦେଖିଲି । ସେତେବେଳେ ପର୍ଯ୍ୟନ୍ତ ତା ଉପରକୁ କାହାରି ଦୃଷ୍ଟି ଯାଇ ନଥିଲା । ମୁଁ ପାଣି ଆଣି ତାକୁ ପାଣି ଦେଇ ମୋ ମଟରରେ ଡାକ୍ତରଖାନାକୁ ପଠାଇଲି । ସେ ହେଉଛନ୍ତି ନୟାଗଡ଼ର ସୁବେଦାର ।

ଏଥିମଧ୍ୟରେ ଦେଓ୍ୱାନ ସେ ଘଟଣା ସ୍ଥଳରେ ପହଞ୍ଚି ମୁଁ ଆସିଥିବା ବିଷୟ ଅନୁସନ୍ଧାନ କଲେ । ସମସ୍ତେ ଏପରି ଭାବରେ ବିବ୍ରତ ହୋଇ ପଡ଼ିଛନ୍ତି ଯେ ବିଶେଷ କଥାବାର୍ତ୍ତା ହୋଇ ପାରିଲା ନାହିଁ । ରାଜାସାହେବଙ୍କ ସଙ୍ଗେ ଦେଖା କରିବା ପାଇଁ ମୋତେ ଅନୁରୋଧ କରାହୋଇଥିଲା ଏବଂ ସେତେବେଳେ ମୁଁ କାହା ସଙ୍ଗେ କଥାବାର୍ତ୍ତା କରିବା ଅବସ୍ଥାରେ ଆଉ ନଥିଲି । ଗୋଟିଏ ସମାଧାନ କରିବା ଆଶାରେ ଯାଇ ଯାହା ଦେଖିଲି ସେଥିରେ ହତାଶ ଓ ବିବ୍ରତ ହୋଇ ମୁଁ କଟକ ଫେରିଲି । ମୁଁ ସେଠାରେ ଦୁଇ ଅବସ୍ଥାର ଘାତପ୍ରତିଘାତ ଭିତରେ ପଡ଼ିଯିବା ଭଳି ମନେକଲି । ଏକ ଦିଗରେ ସ୍ପଷ୍ଟସ୍ପଷ୍ଟ କଥା ଶୁଣିବା ଅବସ୍ଥାରେ ନଥିବା ଲୋକେ । ତାଙ୍କ ପ୍ରଭାବିତ କରିବାର ବଳ ମୋର ନାହିଁ; ଅନ୍ୟ ପକ୍ଷରେ କର୍ତ୍ତୃପକ୍ଷଙ୍କୁ ମୁଁ ମଧ୍ୟ ପ୍ରଭାବିତ କରି ପାରୁନାହିଁ ।

"ଜନତା ଭିତରକୁ ପଲିଟିକାଲ ଏଜେଣ୍ଟ କିପରି ଭାବରେ ଆସିଲେ, ଲୋକେ କାହିଁକି ଓ କିପରି ଭାବରେ ଉତ୍ତେଜିତ ହେଲେ ସେ ବିଷୟ ଅନୁସନ୍ଧାନ କରିବାର ସମୟ ଓ ସୁବିଧା ମୋର ନଥିଲା । ମୁଁ ଯେଉଁ କଥା ସେଠାରୁ ଶୁଣିଲି ସେଥିରେ ପ୍ରକାଶ ଯେ ପ୍ରାୟ ହଜାରେ ପର୍ଯ୍ୟନ୍ତ ଲୋକ ରାଜାଙ୍କ ନଅର ଆଡ଼କୁ ଆସୁଥିଲେ । ନୟାଗଡ଼ର ସୁବେଦାରଙ୍କୁ ସଙ୍ଗରେ ନେଇ ପଲିଟିକାଲ ଏଜେଣ୍ଟ ରାଜାଙ୍କ ନଅରଠାରୁ ଅଳ୍ପ ଦୂରରେ ଯାଇ ଜନତା ଭିତରେ ପଶିଲେ । ପଲିଟିକାଲ ଏଜେଣ୍ଟ ଲୋକଙ୍କୁ ପଳାଇ ଯିବାକୁ ସତର୍କ କରି ହୁକୁମ କଲେ । କିନ୍ତୁ ଲୋକେ ରାଜାଙ୍କ ସଙ୍ଗେ ଦେଖା କରିବାକୁ ଜିଦ ଧରିଲେ । ସେତେବେଳେ ଲୋକେ ରାଜା ନଅର ଆଡ଼କୁ ଯିବା ପାଇଁ ଜିଦଧରି ବାହାରିଲେ ଏଜେଣ୍ଟ ରିଭଲଭର ଫୁଟାଇଲେ ଓ ଗୋଟାଏ ଲୋକ ମରିଗଲା । ଏଥିରେ ଜନତା ଉତ୍ତେଜିତ ହୋଇ ପଲିଟିକାଲ ଏଜେଣ୍ଟଙ୍କ [illegible], ତାଙ୍କ ରିଭଲଭର ଛଡ଼ାଇ ନେଲେ ଓ ତାଙ୍କ ଲାଠିଦ୍ୱାରା ଆକ୍ରମଣ କଲେ । ପଲିଟିକାଲ ଏଜେଣ୍ଟ ପରାମର୍ଶ ଦେବାର ଲୋକ କିନ୍ତୁ ସେ ଜନତାକୁ ଘଉଡ଼ାଇବା ପାଇଁ ନିଜେ ଯେ କାହିଁକି ଗଲେ ତାଙ୍କ ସଙ୍ଗରେ ଯେ ସଶସ୍ତ୍ର ପୁଲିସ କାହିଁକି ନଥିଲେ ଏ ବିଷୟରେ ମୋତେ କେହି କିଛି କହି ପାରିଲେ ନାହିଁ ।

"ଯାହାହେଉ ମେଜର ବେଜାଲ ଗେଟଙ୍କ ହତ୍ୟା ସବୁ ଶ୍ରେଣୀର ଲୋକଙ୍କ ଅନ୍ତଃକରଣକୁ ଗଭୀର ଭାବରେ ଆହତ କରିବ । ଜନସାଧାରଣ ଅହିଂସାରେ ତାଲିମ ହେବାର ସୁଯୋଗ ଯେତେବେଳେ ପାଇ ନାହାନ୍ତି ସେତେବେଳେ ନିଖିଳ ଉତ୍କଳ ଦେଶୀୟ ରାଜ୍ୟ ପ୍ରଜା ସମ୍ମିଳନୀ ଅବସ୍ଥାର ପୁନର୍ବିଚାର କରି ବର୍ତ୍ତମାନର ସମସ୍ତ ଆନ୍ଦୋଳନ ସ୍ଥଗିତ ରଖିବା ଉଚିତ ।

"ଗଡ଼ଜାତମାନଙ୍କରେ ଅବସ୍ଥା କ୍ରମେ ବଡ଼ ଜଟିଳ ହୋଇ ଉଠୁଛି । ସର୍ବୋପରି ଇଂରେଜ କର୍ତ୍ତୃପକ୍ଷ ସାହାଯ୍ୟର ସହିତ ଏଥିର ପ୍ରକୃତ ସମାଧାନ କରିବା ଉଚିତ ।"

—:—

ବାବୁ ସାରଙ୍ଗଧର ଦାସଙ୍କ ବିବୃତି

କଟକ, ୬।୧।୩୯

କାଲି ରଣପୁର ଗଡ଼ରେ ସମ୍ବଲପୁର ପଲିଟିକାଲ ଏଜେଣ୍ଟ ମେଜର ବେଜାଲଗେଟଙ୍କ ଓ ରଣପୁରର ଦୁଇଜଣ ପ୍ରଜାଙ୍କ ମୃତ୍ୟୁ ଖବର ପାଇ ମୁଁ ଗଭୀର ଭାବରେ ବ୍ୟଥିତ ହୋଇଛି । ସ୍ୱର୍ଗୀୟ ମେଜରଙ୍କ ପ୍ରତି ଯେ ହିଂସା ଆଚରଣ କରାଗଲା ତାହା ସର୍ବୋତ୍ଭାବେ ନିନ୍ଦନୀୟ । ଯଦିଓ ଏ ଘଟଣାର ବିସ୍ତୃତ ବିବରଣୀ ମିଳିନାହିଁ ପ୍ରକାଶ ଯେ ଏହି କ୍ଷୁଦ୍ର ରାଜ୍ୟର ଉତ୍ତେଜିତ ଲୋକଙ୍କ ପାଗଳାମି ହେତୁ ଏଜେଣ୍ଟ ପ୍ରାଣ ହରାଇଛନ୍ତି ଏବଂ ଏଥିରୁ ପରିଷ୍କାର ଜଣା ଯାଉଛି ଯେଉଁ ଲୋକେ ଉତ୍ତ୍ୟକ୍ତ ହୋଇ କାଣ୍ଡ ଘଟାଇଲେ ଏ କାଣ୍ଡ ପାଇଁ ଦାୟୀ ସେମାନେ ଏହାର ପରିଣାମରେ ତାଙ୍କ ନିଜର ହିତ ଓ ଦାବୀ ଏବଂ ଓଡ଼ିଶାର ଅନ୍ୟ ଗଡ଼ଜାତ ଲୋକଙ୍କ ପ୍ରତି କି ପରିଣାମ ଆଣିବ ସେ କଥା ବୁଝି ପାରିଲେ ନାହିଁ । ଅଧିକାଂଶ ଓଡ଼ିଶା ଗଡ଼ଜାତର ରାଜାମାନଙ୍କ ଗାଢ ହେଉଛି ଲୋକଙ୍କୁ ଯେ କୌଣସିପ୍ରକାର ମାରପିଟ କରି ଉତ୍ତେଜିତ କରାଇବା । ତାହାହେଲେ ତାଙ୍କ ନିଜ ଅପକର୍ମ ପଦାରେ ପଡ଼ି ପାରିବ ନାହିଁ । ବଡ଼ ଦୁଃଖର କଥା ଯେ ରଣପୁରର କେତେ ଅଜ୍ଞ ଓ ଅନଭିଜ୍ଞ [illegible] ଲୋକ ଏପରି ଭାବରେ ଏ ଦୁରଭିସନ୍ଧିରେ ପଡ଼ି କାମିଷ୍ଠ ହେଲେ । ବର୍ତ୍ତମାନ ରାଜା ଓ ତାଙ୍କ ସମର୍ଥନକାରୀମାନଙ୍କ ବଳ ବଢ଼ିଲା ଏବଂ ଏପରି ଅବସ୍ଥା ସୃଷ୍ଟି ହୋଇଛି ଯାହା ଫଳରେ ମୁଁ ବାଧ୍ୟ ହୋଇ ଓଡ଼ିଶାର ସବୁ ଗଡ଼ଜାତର ପ୍ରଜାମାନଙ୍କୁ ଉପଦେଶ ଦେଉଛି ଯେ ସେମାନେ ପ୍ରତ୍ୟକ୍ଷ ଆନ୍ଦୋଳନ ଜନସାଧାରଣଙ୍କ ଭିତରେ କରନ୍ତୁ ନାହିଁ ।

ଓଡ଼ିଶା ଗଡ଼ଜାତ ପ୍ରଜା ସମ୍ମିଳନୀ ଆଗରୁ ଗାଢ ଧାର୍ଯ୍ୟ କରିଛନ୍ତି ଯେ ବାହାର ଗଡ଼ଜାତ ପ୍ରଜାମଣ୍ଡଳ କାର୍ଯ୍ୟରେ ହସ୍ତକ୍ଷେପ କରିବେ ନାହିଁ । ଗଡ଼ଜାତର ପ୍ରଜାମଣ୍ଡଳମାନେ ସେମାନଙ୍କ କାର୍ଯ୍ୟ ଓ ଆନ୍ଦୋଳନ ପାଇଁ ଦାୟୀ ରହିବେ । ଏହା ସତ୍ତ୍ୱେ ମୁଁ ଏ ଉପଦେଶ କମିଟିର ସମର୍ଥନ ପାଇବା ଆଶାରେ ଦେଉଛି ।

—

ଗାନ୍ଧି ଅଗାଖାଁ ଭେଟ

ସୁରଟ, ତା ୬।୧।୩୯

ଖବର ମିଳିଛି ଯେ ମାନ୍ୟବର ଅଗାଖାଁ କାଲି ବମ୍ବେରୁ ଆସି ଏଠାରେ ପହଞ୍ଚିବେ । ସେ ଏଠାରୁ ବର୍ଦ୍ଦୋଲି ଯାଇ ମହାତ୍ମାଗାନ୍ଧିଙ୍କୁ ଭେଟିବେ ବୋଲି ପ୍ରକାଶ । (ଏ, ପି,)

—

ପିଲା ହଜିଛି

ଭଦ୍ରଖ, ତା ୬।୧।୩୯

ଭଦ୍ରଖ ଥାନାନ୍ତସ୍ଥ ପଠାଣ ମହଲା ଗ୍ରାମର ସେଖ ଜମିର ମିଆଁଙ୍କ ସାନପୁଅ ସେଖ ସିକନ୍ଦର ଓରଫ ସିଖୁ ଗତ ତା ୨୯।୧୨।୩୮ ସନ୍ଧ୍ୟା ୬ଘଣ୍ଟା ସମୟରୁ ନିଜ ଘରୁ ସଡ଼କକୁ ବାହାରି ଯାଇଥିଲା । ଏପର୍ଯ୍ୟନ୍ତ ସେହି ପିଲାଟିର କୌଣସି ସନ୍ଧାନ ମିଳୁନାହିଁ । ଉକ୍ତ ପିଲାଟିର ସନ୍ଧାନ ଯେଉଁ ଲୋକ ଦେବ ତାହାକୁ ୫୧ଟଙ୍କା ପୁରସ୍କାର ଦିଆଯିବ ।

ବୟସ ୮ ବର୍ଷ, ଶ୍ୟାମଳ ବର୍ଣ୍ଣ, ବାମ ଆଖିରେ ଫୁଲଟିଏ ଅଛି, ବାମ ଗୋଡର ପଛ ଗୋଇଠି ମଝିରେ କଳା ଯାଇମଦା ଅଛି, ଉଚ୍ଚତା ମଧ୍ୟମ, ଶରୀର ମଧ୍ୟମ, ଖଣ୍ଡେ ଧୋତି ଆଉ ତୋରିଆ ଜାମା ପିନ୍ଧିଛି ।

—

ରାୟଗଡ଼ାଠାରେ

ଲାଟ ସମ୍ବର୍ଦ୍ଧନା

ଅଭିନନ୍ଦନର ଉତ୍ତରରେ ଲାଟଙ୍କ ଭାଷଣ

ରାୟଗଡ଼ା, ତା ୭।୧।୩୯

ରାୟଗଡ଼ାର ଲୋକସାଧାରଣଙ୍କ ପକ୍ଷରୁ ଓଡ଼ିଶାର ଲାଟଙ୍କୁ ଦିଆଯାଇଥିବା ଅଭିନନ୍ଦନର ଉତ୍ତରରେ ମାନ୍ୟବର ଲାଟ ନିମ୍ନଲିଖିତ ଭାଷଣ ଦେଇଥିଲେ—"ଏଠାକୁ ଆସି ଆପଣମାନଙ୍କଠାରୁ ଏଭଳି ସମ୍ବର୍ଦ୍ଧନା ପାଇ ମୁଁ ବିଶେଷ ଆନନ୍ଦିତ । ଏଜେନ୍ସିର ଏ ଅଞ୍ଚଳ ଦେଖିବା ପାଇଁ ମୋର ବହୁତ ଦିନରୁ ଇଚ୍ଛା ଥିଲା । ବର୍ତ୍ତମାନ ଯେ ମୁଁ ସେ ସୁବିଧା ପାଇଛି ସେଥିଲାଗି ମୁଁ ଆନନ୍ଦିତ । ଆପଣମାନେ ଅଭିନନ୍ଦନ ପତ୍ରରେ ଆପଣଙ୍କର କେତେକ ଗୁରୁତର ସମସ୍ୟାର ଉଲ୍ଲେଖ କରିଛନ୍ତି ଏବଂ ସେ ସବୁର ସମାଧାନରେ ମୋର ସହାୟତା ଲୋଡ଼ିଛନ୍ତି । ମୁଁ ଆପଣମାନଙ୍କୁ ନିର୍ଭର କରି କହୁଛି ମୁଁ ଏବିଷୟରେ ଯଥାସାଧ୍ୟ କରିବି । ଆପଣମାନେ ଭଲ ଭାବରେ ଜାଣନ୍ତି ଏ ଦେଶର ଉନ୍ନତି ବିଧାନ ପ୍ରଧାନତଃ ମୋର ମନ୍ତ୍ରୀମାନଙ୍କର ଦାୟିତ୍ୱ । ସେମାନଙ୍କର ଦାୟିତ୍ୱ ମଧ୍ୟରେ 'ଆଂଶିକ ବହିର୍ଭୂତ ମହାଲ' ଗୁଡ଼ିକ ମଧ୍ୟ ଯାଏ । ସମ୍ରାଟଙ୍କଠାରୁ ମୋତେ ଦିଆ ଯାଇଥିବା ଉପଦେଶ ପତ୍ର ଅନୁସାରେ ପ୍ରଦେଶର [illegible] ନୈତିକ, ସାମାଜିକ ଏବଂ ଅର୍ଥ ନୈତିକ ଉନ୍ନତି ଲାଗି ସମସ୍ତ ବ୍ୟବସ୍ଥା ପ୍ରସାରଲାଗି ମୋ ଉପରେ ଭାର ଦିଆ ଯାଇଛି । ତାପରେ ବିଶେଷତଃ ଏହି ରାୟଗଡ଼ା ଡିଭିଜନ ନେଇ ଏଠାରେ ଶାନ୍ତି ଏବଂ ସୁଶାସନ ରଖିବା ଲାଗି ମୋର ଗୋଟିଏ ସ୍ୱତନ୍ତ୍ର ଦାୟିତ୍ୱ ରହିଛି । କିନ୍ତୁ ମୋର ଦୃଢ଼ ବିଶ୍ୱାସ ଯେ ଏହି ସମ୍ପର୍କରେ ମୋର ମନ୍ତ୍ରୀମାନଙ୍କ ସଙ୍ଗେ ଦୃଢ଼ ଏବଂ ଘନିଷ୍ଠ ସହଯୋଗ ଦ୍ୱାରାହିଁ ମୁଁ ମୋର କର୍ତ୍ତବ୍ୟ ସବୁଠାରୁ ଭଲଭାବେ ସମ୍ପନ୍ନ କରି ପାରିବି । ମୋର ମନ୍ତ୍ରୀମାନେ ମୋପରି ମଧ୍ୟ ଏ ଅଞ୍ଚଳର ଉନ୍ନତି ବିଧାନ ଲାଗି ଖୁବ ବ୍ୟଗ୍ର । ତେଣୁ ଆପଣମାନଙ୍କ ଅଭିନନ୍ଦନର ଉତ୍ତରରେ ମୋର ଏତିକି କହିଲେ ଯଥାର୍ଥ ହେବ ଯେ ଆପଣ ଯେଉଁସବୁ ବିଷୟ ଉଲ୍ଲେଖ କରିଛନ୍ତି ତାହା ମୋ ମନ୍ତ୍ରୀମାନଙ୍କର ମନଯୋଗ ଯେଭଳି ଆକର୍ଷଣ କରେ ଏବଂ ଏ ବିଷୟରେ ସେମାନଙ୍କ ପରାମର୍ଶ ଯେତେଶୀଘ୍ର ସମ୍ଭବ ମୁଁ ଯେପରି ପାଏ ସେକଥା ଦେଖିବି । ଅତୀତର ଅଭିଜ୍ଞତାରୁ ମୁଁ ଆଶା କରୁଛି ସେମାନଙ୍କର ପରାମର୍ଶ ମୋ ପକ୍ଷରେ ଏବଂ ଆପଣମାନଙ୍କ ପକ୍ଷରେ ଗ୍ରହଣୀୟ ହେବ । ରାୟଗଡ଼ାରେ ଗୋଟିଏ ସୁସଜ୍ଜିତ ମାଇନର ସ୍କୁଲ ହେବାର ଆପଣମାନଙ୍କର ଯେ ବାସନା ରହିଛି, ସେଥିପ୍ରତି ମୋର ପୂର୍ଣ୍ଣ ସହାନୁଭୂତି ରହିଛି ଏବଂ ଏ କଳ୍ପନାକୁ ଭଲକରି ଧାରଣା କରିବା ପରେ ମୋ ପାଖରେ ଥିବା ଅର୍ଥଦ୍ୱାରା ମୁଁ ଏହାକୁ କିପରି ଭାବରେ ସାହାଯ୍ୟ କରିପାରେ ସେକଥା ବିଚାର କରିବି ।

କୋରାପୁଟରୁ ରାୟଗଡ଼ା ରାସ୍ତା ତିଆରି ହେବା ଯେ ଆପଣମାନେ ପସନ୍ଦ କରିଛନ୍ତି ତାହାଶୁଣି ମୁଁ ବିଶେଷ ଆନନ୍ଦିତ ହେଲି । ୧୯୩୬ ମସିହା ନଭେମ୍ବର ମାସରେ ମୁଁ ଯେତେବେଳେ ଜିଲ୍ଲାକୁ ଆସିଥିଲି ସେତେବେଳେ ଏ ଜିଲ୍ଲାରେ ଯାତାୟତ କରିବା ପାଇଁ ରାସ୍ତାର ବଡ଼ ଅଭାବ ମୋର ଦୃଷ୍ଟି ଆକର୍ଷଣ କରିଥିଲା । ମୋର ବିଶ୍ୱାସ ରାସ୍ତାତିଆରି ବେଶ ଆଗେଇ ଚାଲିଛି ଏବଂ ଏ ରାସ୍ତାର କେତେକାଂଶ ମୁଁ ଦେଖି ପାରିବି ବୋଲି ମୋର ବିଶ୍ୱାସ । ବର୍ତ୍ତମାନ ରାସ୍ତାତିଆରି କାମତ ଏତେଦୂର ଅଗ୍ରସର ହେଲାଣି । ତେଣୁ ଅନ୍ୟ ଯେଉଁସବୁ ବ୍ୟବସ୍ଥା ଲାଗି ଆପଣମାନେ ଦାବୀ କରିଛନ୍ତି ସେସବୁ ପରୀକ୍ଷା କରାଯାଇ ଯଦି ସମ୍ଭବ କାର୍ଯ୍ୟରେ ପରିଣତ କରାଯାଇପାରେ । ଏଠାର ଚମତ୍କାର ଦେଖିବାର ସୁଯୋଗ ପାଇ ମୁଁ ମଧ୍ୟ ଆନନ୍ଦିତ ଏବଂ ଏ କଲ ଦେଖିବା ବେଳେ ମଧ୍ୟ ଏଠାର ସ୍ଥାନୀୟ ଅଖୁ ଚାଷ ଏବଂ ଉନ୍ନତ ଧରଣର ଚାଷର ବିଷୟରେ ଆବଶ୍ୟକତା ଯେତେଦୂରପାରେ ମୁଁ ଦେଖିବି । ଶ୍ରୀଯୁକ୍ତ ଦତ୍ତଙ୍କ କାର୍ଯ୍ୟକାଳ ପୂରି ଯିବାହେତୁ ପ୍ରଦେଶର କ୍ଷତି ହୋଇଛି; କାରଣ ସେ ଅଖୁଚାଷ ଏବଂ ଅନ୍ୟାନ୍ୟ ଚାଷ ବିଷୟରେ ଓଡ଼ିଶାରେ ଅନେକ କାର୍ଯ୍ୟ କରିଛନ୍ତି । ତାଙ୍କ ସ୍ଥାନରେ ଡାକ୍ତର ବାଦାମୀଙ୍କୁ ଅଭିବାଦନ କରୁଛି । ମୋର ଦୃଢ଼ ବିଶ୍ୱାସ ସେ ଏହି କାର୍ଯ୍ୟରେ ଅଧିକ ଉନ୍ନତି କରାଇବା ପାଇଁ ଖୁବ୍ ଚେଷ୍ଟା କରିବେ ଏବଂ ରାୟଗଡ଼ାର ସମସ୍ୟା ପ୍ରତି ଦୃଷ୍ଟି ଦେବେ । ଆପଣମାନଙ୍କର ଆନ୍ତରିକ ଅଭିନନ୍ଦନ ହେତୁ ଆପଣମାନଙ୍କୁ ମୋ ପକ୍ଷରୁ ଏବଂ ମୋ ସ୍ତ୍ରୀଙ୍କ ପକ୍ଷରୁ ଧନ୍ୟବାଦ ଦେଉଛି ଏବଂ ନବବର୍ଷରେ ଆପଣମାନଙ୍କର ଉନ୍ନତି କାମନା କରୁଛି ।

—

ରାୟଗଡ଼ା ଡାକ୍ତରଖାନା

ମାତୃମଙ୍ଗଳ ଓ୍ୱାର୍ଡ ଉଦ୍‌ଘାଟନ

ଓଡ଼ିଶା ଲାଟଙ୍କ ଭାଷଣ

ରାୟଗଡ଼ା, ତା ୭।୧।୩୯

ରାୟଗଡ଼ା ଡାକ୍ତରଖାନାର ମାତୃମଙ୍ଗଳ ଓ୍ୱାର୍ଡ ଉଦ୍‌ଘାଟନ କରିବାକୁ ଯାଇ ଓଡ଼ିଶାର ଲାଟ ସାର ଜନ ହବାକ ନିମ୍ନଲିଖିତ ଭାଷଣ ଦେଇଥିଲେ ।

"ଆଜି ରାୟଗଡ଼ ଡାକ୍ତରଖାନାର ଏ ମାତୃମଙ୍ଗଳ କେନ୍ଦ୍ର ଉଦ୍‌ଘାଟନ କରିବାଲାଗି ଏଠାକୁ ଆସିବାରେ ମୁଁ ଏବଂ ମୋର ସହଧର୍ମିଣୀ ଆନନ୍ଦିତ । ମୁଁ କମିଟି ଏବଂ ରାୟଗଡ଼ା ଡିଭିଜନର ଲୋକସାଧାରଣଙ୍କୁ ଏଭଳି ଏକ ପ୍ରଶଂସନୀୟ ଉଦ୍ୟମ କାର୍ଯ୍ୟରେ ପରିଣତ କରିଥିବା ହେତୁ ଅଭିନନ୍ଦନ କରୁଛି । ବର୍ଦ୍ଧିଷ୍ଣୁ ସହରର ଆବଶ୍ୟକତା କ୍ରମଶଃ ବଢ଼ୁଛି । ଏଥିମଧ୍ୟରୁ ଅବଶ୍ୟ ଏମାନଙ୍କଲାଗି ଚିକିତ୍ସା ବ୍ୟବସ୍ଥା କରିବା ହେଉଛି ଗୋଟିଏ ବଡ଼ ଅଭାବ । ଆପଣମାନେ ମୋତେ ଯେଉଁ ଅନୁରୋଧ କରିଛନ୍ତି ଯେ ଏଠାରେ ଜଣେ ଲେଡି ଡାକ୍ତରଙ୍କ ଅଧୀନରେ ଏ ଓ୍ୱାର୍ଡ ରଖାଯାଉ ମୁଁ ସେ କଥା ମନରେ ରଖିଲି ଏବଂ ଏହା ଯେଭଳି ମାନ୍ୟବର ମନ୍ତ୍ରୀ ଦୁବେ ଏବଂ କର୍ଣ୍ଣେଲ ଭରଗିଙ୍କ ଦୃଷ୍ଟିକୁ ଆସେ ତାହାର ବ୍ୟବସ୍ଥା କରିବି । ମୋ ପାଖରେ ଯେଉଁ ଟଙ୍କା ଅଛି ସେଥିରୁ ଖର୍ଚ୍ଚ କରି ଏ ମାତୃମଙ୍ଗଳ ବିଭାଗଟି ଯେପରି ଯେତେଦୂର ସମ୍ଭବ ପୂର୍ଣ୍ଣାଙ୍ଗ ହୋଇପାରେ, ସେ ବିଷୟରେ ମୋର ସାହାଯ୍ୟ କିପରିଭାବରେ ଲୋଡ଼ା ତା ଜାଣିଲେ ମୁଁ ଆନନ୍ଦିତ ହେବି । ନୂଆ ଓ୍ୱାର୍ଡକୁ ଯେଉଁମାନେ ରୋଗୀ, ଚିକିତ୍ସକ, ନର୍ସ ବା ସାହାଯ୍ୟକାରୀଭାବେ ଆସିବେ ସେ ସମସ୍ତଙ୍କର ମୁଁ ଉନ୍ନତି କାମନା କରୁଛି ।"

—

ଯାମ ସାହେବଙ୍କ ଧମକ

ଦାୟିତ୍ୱହୀନ ଲୋକେ ଆନ୍ଦୋଳନ କରୁଛନ୍ତି

ନୂଆ ବ୍ୟବସ୍ଥାପକ ସଭା ବସାଇବାକୁ ରାଜି

ଅହମଦାବାଦ, ତା ୭।୧।୩୯

ନବନଗର ରାଜ୍ୟରେ ରାଜକୋଟରେ ଯେପରି ସତ୍ୟାଗ୍ରହ ଆନ୍ଦୋଳନ ଚାଲିଥିଲା ସେହିଭଳି ଭାବରେ ଆନ୍ଦୋଳନ ଶୀଘ୍ର ଆରମ୍ଭ ହେବ ବୋଲି ଯେଉଁ ଖବର ପ୍ରକାଶ ପାଇଛି ସେ ସମ୍ପର୍କରେ ଖବରକାଗଜବାଲାଙ୍କ ସାକ୍ଷାତ ଦେଇ ଶାସକ ଯାମ ସାହେବ ପରିଷ୍କାର କହି ଦେଇଛନ୍ତି ଯେ ଶାସନ ସଂସ୍କାର ପାଇଁ ଆଇନ ସଙ୍ଗତ ଆନ୍ଦୋଳନ ହେଲେ ତାଙ୍କର ଆପତ୍ତି ନାହିଁ । ତାଙ୍କର ବିଶ୍ୱାସ ଯେ ରାଜ୍ୟର ପ୍ରଜାମାନେ ଗୋଟିଏ ବ୍ୟବସ୍ଥାପକ ସଭା ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି । ସେ ଏ ଦାବୀ ପୂରଣ କରିବାକୁ ଇଚ୍ଛୁକ ଅଛନ୍ତି । କିନ୍ତୁ ଦାୟିତ୍ୱହୀନ ଲୋକଙ୍କ ଦ୍ୱାରା ଯେ ଆନ୍ଦୋଳନ ହେବ ସେଥିରେ ଫଳ କିଛି ହେବନାହିଁ ବୋଲି ସେ ଧମକ ଦେଇଛନ୍ତି ।

ଦେଶୀୟ ରାଜ୍ୟ ସମସ୍ୟାର ସମାଧାନ ପାଇଁ ରାଜାମହାରାଜା, ଗଡ଼ଜାତ ପ୍ରଜାମଣ୍ଡଳ ପ୍ରତିନିଧି ଓ କଂଗ୍ରେସ ପ୍ରତିନିଧିମାନଙ୍କୁ ନେଇ ଗୋଟାଏ ଗୋଲଟେବୁଲ ବୈଠକ ଡକାହେବ ବୋଲି ଯେ ପ୍ରସ୍ତାବ ପ୍ରକାଶ ପାଇଛି ସେ ବିଷୟରେ ସେ କିଛି ଜବାବ ଦେଲେ ନାହିଁ । (ଇଉ, ପି,)

—

ରାଜକୋଟ ଶାସନ ଖସଡ଼ା

ମହାତ୍ମା ଗାନ୍ଧି ଚିଠା କରୁଛନ୍ତି

ଅହମଦାବାଦ, ତା ୭।୧।୩୯

ଗାନ୍ଧିଜୀ ରାଜକୋଟ ପାଇଁ ଗୋଟିଏ ଶାସନ ଖସଡ଼ା ଚିଠା କରୁଥିବାର ଖବର ମିଳିଛି । ଅଉନ୍ଧ ରାଜ୍ୟପାଇଁ ଯେ ଶାସନ ଖସଡ଼ା ତିଆରି ହୋଇଛି ସେହି ଧାରାରେ ଏ ଶାସନ ଖସଡ଼ା ତିଆରି କରାଯାଉଥିବା ପ୍ରକାଶ । କିନ୍ତୁ ଏ ବିଷୟରେ ସଠିକ ଖବର ଏପର୍ଯ୍ୟନ୍ତ ମିଳିନାହିଁ । (ଇଉ, ପି,)

—

ରାଜନନ୍ଦଗାଁଓ ଆନ୍ଦୋଳନ

ଜଙ୍ଗଲ ସତ୍ୟାଗ୍ରହ ଚାଲିଛି

ଦୁର୍ଗ, ତା ୬।୧।୩୯

ରାଜନନ୍ଦଗାଁଓରେ ଜଙ୍ଗଲ ସତ୍ୟାଗ୍ରହ ଷ୍ଟେଟ କଂଗ୍ରେସ ପକ୍ଷରୁ ଖୁବ ଜୋରସୋରରେ ଚାଲିଛି । ମଫସଲ ଅଞ୍ଚଳରେ ସତ୍ୟାଗ୍ରହ ଆରମ୍ଭ ହୋଇଗଲାଣି । ଷ୍ଟେଟ କର୍ତ୍ତୃପକ୍ଷଙ୍କ ଦମନ ନୀତିର ପ୍ରତିବାଦ କରି ୭ଜଣ ମ୍ୟୁନିସିପାଲଟି କମିଶନର ଇସ୍ତଫା ଦେଇଛନ୍ତି ।

ଆଜି ୯ ଜଣଙ୍କୁ ଗିରଫଦାର କରାହୋଇଛି ଏବଂ ୧୪୪ ଧାରା ନୋଟିସ ପୁଣି କିଛିଦିନପାଇଁ ଜାରି କରାହୋଇ ଗଡ ସୀମା ଭିତରେ କୌଣସି ପ୍ରକାର ସଭା ସମିତି ଓ ଜନତା କରାଯାଇ ପାରିବ ନାହିଁ ବୋଲି ଘୋଷଣା ହୋଇଛି । (ଏ, ପି,)

—

ମାଡ଼ରେ ମଣିଷ ମଲା

ତାଳଚେରରେ ଜଘନ୍ୟ କାଣ୍ଡ

ଅନୁଗୁଳ, ତା ୬।୧।୩୯

ଅନୁଗୁଳରୁ ତାଳଚେର ପ୍ରଜାମଣ୍ଡଳର ଉପସଭାପତି ଶ୍ରୀଯୁକ୍ତ ବଳରାମ ମହାପାତ୍ର ତାର କରିଛନ୍ତି ଯେ ଜଣେ ଲୋକକୁ ମାଡ଼ ଦେଇ ମାରି ଦିଆଯାଇଛି । ଅଭିଯୋଗ ଯେ ନିଅଲ ଗ୍ରାମର ଗଙ୍ଗାଧର ପ୍ରଧାନ ତାର ପୁଅ ପଦ୍ମଚରଣ ପ୍ରଧାନ ସହିତ କମ୍ପସଲ କ୍ୟାମ୍ପକୁ ଆସୁଥିବାବେଳେ ବାଟରେ ଦୁଇଜଣ ପୁଲିସବାଲା ତାଙ୍କୁ ଧରିଲେ ଏବଂ ଗଙ୍ଗାଧରକୁ ବାନ୍ଧି ପକାଇ ଏପରି ମାଡ଼ ଦେଲେ ଯେ ସେ ଅଜ୍ଞାନ ହୋଇ ପଡ଼ିଗଲା । ବନ୍ଧୁ ନାୟକ ଚୌକିଦାର ଓ ନବଘନ ନାମକ କନଷ୍ଟେବଲ ଏ କାଣ୍ଡ କରି ତା ପରେ ତା ମୁହଁରେ ଓ ମୁଣ୍ଡରେ ପାଣି ଢାଳି ଚେତା କରାଇ ତାକୁ ନେଇ ତା ଘରେ ପକାଇ ଦେଇ ଆସିଲେ । ଘରେ ବିଛଣାରେ ପଡ଼ି ଗଙ୍ଗାଧରର ମୃତ୍ୟୁ ହୋଇଗଲା । ଡାକ୍ତର ମାଇନା ପାଇଁ ସେ ଲାସକୁ ତାର ଆତ୍ମୀୟ ସ୍ୱଜନମାନେ ଅନୁଗୁଳ ଆଣିବା ପାଇଁ ଚେଷ୍ଟା କରୁଥିବାର ଖବର ପାଇ ୬ଜଣ ପୁଲିସ ଓ ୨ଜଣ ଚୌକିଦାର ସେଠାକୁ ଯାଇ ଜବରଦସ୍ତି ଲାସ ଛଡ଼ାଇ ଆଣି ପୋଡ଼ି ଦେଇଥିବାର ଅଭିଯୋଗ ମିଳିଛି । ମୃତ ବ୍ୟକ୍ତିର ପୁଅ ପଦ୍ମଚରଣ ପ୍ରଧାନ ଓ ସ୍ତ୍ରୀ ଅଇଣ୍ଠାପଣୀ ଦେଓ୍ୱୀ ଉକ୍ତ ମର୍ମରେ ଲିଖିତ ବିବୃତି ଦେଇଛନ୍ତି । ଗତ ଡିସେମ୍ବର ୩୧ ତାରିଖ ଉକ୍ତ ଗ୍ରାମଠାରୁ ଦେଢ଼ମାଇଲ ଦୂରରେ ଏ କାଣ୍ଡ ଘଟିଥିବାର ଖବର ମିଳିଛି । (ଇଉ, ପି)

—

ବାଲେଶ୍ୱର ସଂବାଦ

ବାଲେଶ୍ୱର, ତା ୬।୧।୩୯

ଦୁଇମାସ ପୂର୍ବେ ରାୟବାହାଦୁର ମନ୍ମଥନାଥ ଦେଙ୍କଠାରୁ ଶ୍ରୀରାମପୁର ଗ୍ରାମବାସୀ ସେଠାରେ ତାଙ୍କର ଥିବା ନାଏବଙ୍କ ବିରୁଦ୍ଧରେ ଅଭିଯୋଗମାନ କରି ଦରଖାସ୍ତ ଦେଇଥିଲେ । ରାୟବାହାଦୁର ସେ ସମ୍ବନ୍ଧରେ କୌଣସି ତଦନ୍ତ ନ ନେବାଯୋଗୁଁ ନାଏବ ମହାଶୟ ପ୍ରଜାଙ୍କୁ ହଇରାଣ କରିବାର ଯୋଗାଡ଼ରେ ଅଛନ୍ତି । ଲୁଣା ଜଳରେ ନଷ୍ଟ ହୋଇଥିବା ଜମିକୁ ପ୍ରଜାମାନେ ମହସୀ ଛୁଆଇ ନଷ୍ଟ କରି ଦେଇଛନ୍ତି ବୋଲି କହି ପ୍ରଜାଙ୍କୁ ଜବତ କରିବାର ଯୋଗାଡ଼ କରୁଛନ୍ତି । ଜମିଦାର ଶୀଘ୍ର ସ୍ଥାନୀୟ ତଦନ୍ତ କରିବା ନିତାନ୍ତ ଦରକାର ।

ରେମୁଣା ଥାନାର ବାଜଭୁଷ ଗ୍ରାମର ଶ୍ରୀ ମହେଶ୍ୱର ରଣା ନିଶା ନିବାରଣ କାର୍ଯ୍ୟରେ ଗ୍ରାମବାସୀଙ୍କୁ ବୁଝାଇ ଅଫିମ ଖିଆ ଛଡ଼ାଇବାରେ କୃତକାର୍ଯ୍ୟ ହେଉଛନ୍ତି । ଏପରି କାର୍ଯ୍ୟରେ ଯୁବକମାନଙ୍କର ସହାୟତା ଖୁବ ପ୍ରଶଂସନୀୟ ।

ରେମୁଣା ଥାନା ନ ୫ ନମ୍ବର ସର୍କଲର ଦଫାଦାର ଓ ତାଙ୍କ ପୁଅଙ୍କ ବିରୁଦ୍ଧରେ ୧ ବର୍ଷ ହେବ ଡେପୁଟିଙ୍କ ଦ୍ୱାରା ଇନକ୍ୱାରୀ ହୋଇ ପୁଅ କେତେକ ଅନ୍ୟାୟ କାର୍ଯ୍ୟ କରିଥିବାର ପ୍ରମାଣ ଡେପୁଟି ବାବୁ ପାଇଥିଲେ । ବିନା କାରଣରେ ଘରେ ଅବରୋଧ କରି ରଖିବା, ଜୁଆ ଖେଳିବା ଇତ୍ୟାଦି । ଏହାଙ୍କ କାର୍ଯ୍ୟରେ ସେ ଅଞ୍ଚଳର ବହୁତ ଲୋକ ଅସନ୍ତୁଷ୍ଟ ।

ବର୍ତ୍ତମାନ ବାଲେଶ୍ୱର ଟକି ସିନେମାରେ ଓଡ଼ିଆ ନାଟକ 'ସୀତାବିବାହ' ହେଉଛି । ଏପରି ଭିଡ଼ କେବେ କୌଣସି ଖେଳରେ ହୋଇ ନ ଥିଲା ।

ଓଡ଼ିଶାର ଗଭର୍ଣ୍ଣର ଫେବ୍ରୁୟାରୀରେ ବାଲେଶ୍ୱରକୁ ଆସୁଥିବାରୁ ଗତ ୪ ତାରିଖରେ ତାଙ୍କର ଅଭିନନ୍ଦନ ପାଇଁ ଗୋଟିଏ କମିଟି ଗଠିତ ହୋଇଛି । ମାଜିଷ୍ଟ୍ରେଟ ସେ ଦିଗରେ ଖୁବ ଚେଷ୍ଟା କରୁଛନ୍ତି । ଅଭିନନ୍ଦନ ପତ୍ରରେ ବାଲେଶ୍ୱରରେ ବନ୍ଦର ଖୋଲିବା ବିଷୟ ଉଲ୍ଲେଖ ହେବା ବାଞ୍ଛନୀୟ ।

—:—